# NATIONAL NEWS BULLETIN (ODIA)
## 29 June - 2024
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ ହରିୟାଣା ସରକାରଙ୍କ ମଧ୍ୟରେ ଉତ୍କର୍ଷ ସାଧନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।
- ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କୁ ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହେପାଜତକୁ ପଠାଇଦେଇଛନ୍ତି ।
- ହାୱାଇ ଦ୍ୱୀପପୁଞ୍ଜରେ ୨୯ତମ **RIMPAC** ସାମରିକ ଅଭ୍ୟାସରେ ଭାରତୀୟ ନୌବାହିନୀର ଆଇ.ଏନ୍.ଏସ୍. ଶିବାଲିକ୍‌ର ଯୋଗଦାନ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ଫାଇନାଲ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା ।

# ଏଚ୍‌ଏମ୍ ଅମିତ ଶାହା

ହରିୟାଣାର ପଞ୍ଚକୁଲା ସ୍ଥିତ ପି.ଡବ୍ଲୁ.ଡି. ବିଶ୍ରାମ ଭବନରେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ ହରିୟାଣା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସହରାଞ୍ଚଳ ବିକାଶ, ଗୃହ ଏବଂ ଶକ୍ତି ମନ୍ତ୍ରୀ ମନହୋର ଲାଲ୍, ମୁଖ୍ୟମନ୍ତ୍ରୀ ନାଏବ ସିଂହ ଏବଂ ହରିୟାଣା ବିଧାନସଭାର ବାଚସ୍ପତି ଜ୍ଞାନଚନ୍ଦ୍ର ଗୁପ୍ତାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉତ୍କର୍ଷ ସାଧନ କେନ୍ଦ୍ର ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି କେନ୍ଦ୍ରରେ 'ଚିହ୍ନିତ୍ ଅପରାଧ' ମାମଲା ଗୁଡ଼ିକ ବିଷୟରେ ସବିଶେଷ ଆଲୋଚନା ହେବ ।

ହରିୟାଣା ଠାରେ ୫୦ ଏକର ପରିମିତ ଜମିକୁ ନେଇ ଏନ୍.ଏଫ୍.ଏସ୍.ୟୁ. ମିଳିତ ସହଯୋଗରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବ । ହରିୟାଣାରେ ପ୍ରତିଷ୍ଠା ହେବାକୁ ଥିବା ଏହି କେନ୍ଦ୍ର ଦେଶର ପ୍ରଥମ ଉତ୍କର୍ଷ ସାଧନ କେନ୍ଦ୍ର ଭାବେ ପରିଗଣିତ ହେବ । ରାଜ୍ୟରେ ବର୍ତ୍ତମାନ ୪ଟି ଫରେନ୍‌ସିକ୍ ଲ୍ୟାବ୍ କାର୍ଯ୍ୟ କରୁଛି । ଶ୍ରୀ ଶାହା କହିଛନ୍ତି, ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ତିନୋଟି ନୂତନ ଅପରାଧିକ ଆଇନ୍‌କୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ଏହା ସାହାଯ୍ୟ କରିବ । ଏହି କେନ୍ଦ୍ର ମଧ୍ୟରେ ଏକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ । ଯେଉଁଥିରେ ହରିୟାଣା ରାଜ୍ୟର ଅଧିକାରୀ ଏବଂ ଛାତ୍ରମାନଙ୍କୁ ସ୍ୱତନ୍ତ୍ର

ପ୍ରଶିକ୍ଷଣ ପ୍ରଦାନ କରାଯିବ । ଅପରାଧିକ ମାମଲା ଗୁଡ଼ିକରେ ପ୍ରମାଣ ଏକଜୁଟ୍ କରିବା ପାଇଁ ଏହି କେନ୍ଦ୍ର ବିଶେଷ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ନାଏବ ସିଂହ କହିଛନ୍ତି ।

## କେଜରିୱାଲ୍

ଦିଲ୍ଲୀ ଅବକାରୀ ନୀତି ମାମଲାରେ ସି.ବି.ଆଇ. ଦ୍ୱାରା ଗିରଫ୍ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କୁ ଦିଲ୍ଲୀର ଏକ ଅଦାଲତ ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହେପାଜତକୁ ପଠାଇ ଦେଇଛନ୍ତି । ସି.ବି.ଆଇ. ହେପାଜତରେ ତିନିଦିନ ରହିବା ପରେ ସି.ବି.ଆଇ.ର ଆବେଦନକୁ ଗ୍ରହଣ କରି ଶ୍ରୀ କେଜରିୱାଲଙ୍କୁ ଅଦାଲତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଦେଇଛନ୍ତି । ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଓକିଲ କହିଛନ୍ତି, ବିଚାର ବିଭାଗୀୟ ହେପାଜତ ଦାବି ବିରୁଦ୍ଧରେ ଆମେ ଆବେଦନ କରିବୁ । ସେଥିପାଇଁ ଆମକୁ ଆଉ କିଛି ସମୟ ଦିଆଯାଉ ବୋଲି କେଜରିୱାଲଙ୍କ ଓକିଲ ଅଦାଲତଙ୍କୁ ଅନୁରୋଧ କରିଛନ୍ତି ।

# ଆଇଏନ୍‌ଏସ୍

ହାୱାଇ ଦ୍ୱୀପପୁଞ୍ଜରେ ଭାରତୀୟ ନୌବାହିନୀର ଆଇ.ଏନ୍.ଏସ୍. ଶିବାଲିକ୍ ୨୯ତମ **Biennial Rim of the Pacific (RIMPAC)** ସାମରିକ ଅଭ୍ୟାସରେ ସାମିଲ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା ନୌବାହିନୀ ପକ୍ଷରୁ କୁହାଯାଇଛି, ଏହି ସାମୁଦ୍ରିକ ସାମରିକ ଅଭ୍ୟାସରେ ୨୯ଟି ଦେଶର ୪୦ଟି ବୁଡ଼ା ଜାହାଜ, ୩ଟି ସବ୍‌ମେରାଇନ୍, ୧୪ଟି ଜାତୀୟ ସଶସ୍ତ୍ର ବଳ, ୧୫୦ଟି ଯୁଦ୍ଧ ବିମାନ ଏବଂ ୨୫ହଜାରରୁ ଊର୍ଦ୍ଧ୍ୱ ନୌବାହିନୀ ଏହି ସାମରିକ ଅଭ୍ୟାସରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ସାମରିକ ଅଭ୍ୟାସ ଆସନ୍ତା ଅଗଷ୍ଟ ପହିଲା ପର୍ଯ୍ୟନ୍ତ ଚାଲିବ । ୟୁ.ଏସ୍. ପେସିଫିକ୍ ଫ୍ଲିଟ୍ କମାଣ୍ଡାର ଏହି ସାମରିକ ଅଭିଯାନକୁ ଆୟୋଜନ କରୁଥିବା ବେଳେ ଏଥିରେ ସାମୁଦ୍ରିକ ସୁରକ୍ଷା ଅଭିଯାନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କିଭଳି ନୌବାହିନୀ ତାର ମୁକାବିଲା କରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି ।

ଭାରତ ବ୍ୟତୀତ ଏହି ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ବ୍ରାଜିଲ୍, ବ୍ରୁନେଇ, କାନାଡ଼ା, ଚିଲି, କଲମ୍ବିଆ, ଡେନ୍‌ମାର୍କ, ଇକ୍ୟୁଡର୍, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇସ୍ରାଏଲ୍, ଇଟାଲୀ, ଜାପାନ, ମାଲେସିଆ, ମେକ୍ସିକୋ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ପେରୁ, ଦକ୍ଷିଣ କୋରିଆ, ଫିଲପାଇନ୍ସ, ସିଙ୍ଗାପୁର, ଶ୍ରୀଲଙ୍କା, ଥାଇଲାଣ୍ଡ, ଟୋଙ୍ଗା, ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଅଂଶଗ୍ରହଣ କରୁଛନ୍ତି ।

ସୂଚନା ଯୋଗ୍ୟ ପୂର୍ବରୁ ଆଇ.ଏନ୍.ଏସ୍. ଶିବାଲିକ୍ ଜାପାନର ୟୁଗୋସୁକା ଠାରେ ଅନୁଷ୍ଠିତ ହୋଇଥିବା ଦ୍ୱିପକ୍ଷିୟ ଜାପାନ-ଭାରତ ସାମୁଦ୍ରିକ ସମାରାଭ୍ୟାସ ୨୦୨୪ରେ ସାମିଲ ହୋଇଥିଲା ।

## ଜେଡିୟୁ ସଂଜୟ ଝା

ଜନତା ଦଳ ୟୁନାଇଟେଡ୍ – ଜେ.ଡି.ୟୁ. ରାଜ୍ୟସଭା ସାଂସଦ ତଥା ଦଳୀୟ ନେତା ସଂଜୟ ଝାଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଛି । ଦଳର ଜାତୀୟ କାର୍ଯ୍ୟ ନିର୍ବାହି ବୈଠକରେ ଶ୍ରୀ ଝାଙ୍କୁ ଏହି ପଦରେ ବସାଇବାକୁ ପୁଣିଥରେ ନିଷ୍ପତ୍ତି ହୋଇଛି । ବୈଠକରେ ଶ୍ରୀ ଝାଙ୍କୁ କାର୍ଯ୍ୟକାରୀ ଅଧିକାରୀ କରିବା ପ୍ରସ୍ତାବକୁ ଦଳର ସଭାପତି ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପ୍ରସ୍ତାବ ରଖିଥିଲେ । ଜାତୀୟ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହେବା ପରେ ଗଣମାଧମକୁ ସୂଚନା ଦେଇ ସେ କହିଛନ୍ତି, ଆସନ୍ତା ବର୍ଷ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଦଳ ନିଜର ପରାକାଷ୍ଠା ଦେଖାଇବ । ରାଜ୍ୟରେ ଦଳ ପୁଣିଥରେ ସରକାର କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି, ନିକଟରେ ଲୋକସଭା ନିର୍ବାଚନରେ ଏନ୍.ଡି.ଏ.ର ଫଳାଫଳକୁ ନେଇ ଲୋକମାନେ ତାଙ୍କର ସମର୍ଥନ ଦେଇଥିବା ପ୍ରମାଣିତ କରିଛି । ଝାଡ଼ଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଜେ.ଡି.ୟୁ. ନିର୍ବାଚନ ଲଢ଼ିବ ବୋଲି ସେ ଘୋଷଣା କରିଛନ୍ତି ।

# ଗଜେନ୍ଦ୍ର ସିଂହ ଶେଖାୱତ୍

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଯୁଗ୍ ଯୁଗୀନ୍ ଭାରତ ସଂଗ୍ରହାଳୟ ଦେଶର ଉଚ୍ଚ ଐତିହ୍ୟ ଓ ପରମ୍ପରକୁ  ପ୍ରଚାର ପ୍ରସାର କରୁଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଇଣ୍ଡୋ-ଫ୍ରେଞ୍ଚ୍ ମିଳିତ ସହାୟତାରେ ଚାଲିଥିବା କର୍ମଶାଳାର ଅନ୍ତିମ ଦିନରେ ଯୋଗ ଦେଇ ସେ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ସଂଗ୍ରହାଳୟ ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ପର୍ଯ୍ୟବେସିତ । ବିଭାଗୀୟ ସଚିବ ରବୀନ୍ ମୋହନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଏହି ସଂଗ୍ରହାଳୟ ଭାରତର କଳା, ସଂସ୍କୃତି ଏବଂ ଐତିହ୍ୟକୁ ସମଗ୍ର ଦେଶ ତଥା ବିଦେଶରେ ପ୍ରଦର୍ଶନ କରୁଛି । ଆଗାମୀ ପିଢ଼ି ପାଇଁ ଏହି ସଂଗ୍ରହାଳୟ ଏକ ପ୍ରେରଣାର ଉତ୍ସ ହେବ ବୋଲି ଶ୍ରୀ ମୋହନ କହିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ସଂଗ୍ରହାଳୟ ୧ ଲକ୍ଷ ୫୪ ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ସମ୍ପ୍ରସାରିତ କରାଯାଇ ବିଶ୍ୱର ସର୍ବବୃହତ ସଂଗ୍ରହାଳୟ ଭାବେ ପରିଗଣିତ ହେବ ।

# ମହାରାଷ୍ଟ୍ର-ନିଟ୍

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାର ନିଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ

ଏହାକୁ ଗମ୍ଭୀରତାର ସହ ନେଇଛନ୍ତି । ସରକାରଙ୍କର ବିଭିନ୍ନ ସଂସ୍ଥା ଦ୍ୱାରା ଏହି ଅନିୟମିତତାର ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି । ବିରୋଧୀ ଦଳ ନେତା ବିଜୟ ଓ୍ୱାଦେଥିଭର୍ ଏବଂ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲେ ବିଧାନସଭାରେ ଏକ ମୁଲତବୀ ପ୍ରସ୍ତାବ ଆଗତ କରି ଏହି ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତର ରଖି ଶ୍ରୀ ପାଓ୍ୱାର କହିଛନ୍ତି, ସମଗ୍ର ଦେଶରେ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଦୋଷୀମାନଙ୍କୁ ଗିରଫ୍ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ପାଓ୍ୱାର କହିଛନ୍ତି, ଯେଉଁ ଛାତ୍ରଛାତ୍ରୀମାନେ ଦିନରାତି ପରିଶ୍ରମ କରି ସାଧୁତାର ସହ ନିଟ୍ ପରୀକ୍ଷା ଦେଇଛନ୍ତି, ଏ ପ୍ରସଙ୍ଗରେ ସେମାନଙ୍କ ମତାମତ ମଧ୍ୟ ଗ୍ରହଣ କରାଯିବ । ସେ କହିଛନ୍ତି, ନିଟ୍ ପରୀକ୍ଷାକୁ ସ୍ୱଚ୍ଛ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ବିରୋଧୀ ଦଳ ଏବଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ଅମରନାଥ ଯାତ୍ରା

ଶ୍ରୀ ଅମରନାଥଜୀଙ୍କ ବାର୍ଷିକ ଯାତ୍ରା ଔପଚାରିକ ଭାବେ ଆଜି କାଶ୍ମୀର ଘାଟିରେ ଉଭୟ ମାର୍ଗରେ ଆରମ୍ଭ ହୋଇଛି। ସେଠାରେ ୪ ହଜାର ୨୯ ତୀର୍ଥଯାତ୍ରୀମାନଙ୍କର ଦ୍ୱିତୀୟ ଯାତ୍ରା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅମରନାଥ ଗୁମ୍ଫା ଅଭିମୁଖେ ଆରମ୍ଭ ହୋଇଛି । ଏହି ଯାତ୍ରା ଜାମ୍ମୁରେ ଥିବା ଭଗବତୀନଗର ଯାତ୍ରୀ ନିବାସ ଆଧାର ଶିବିରରେ କାଶ୍ମୀର ଘାଟି ପର୍ଯ୍ୟନ୍ତ

ବାହାରିଛନ୍ତି । ତୀର୍ଥଯାତ୍ରୀମାନେ ଆଜି ସକାଳ ସାଢ଼େ ୫ଟା ସମୟରେ ୨୦୦ଟି ବାହାନ ମାଧ୍ୟମରେ କାଫିଲେ ଆଧାର ଶିବିରରୁ ବାହାରିଛନ୍ତି । ସେଥିରେ ୨୯୩୫ ପୁରୁଷ, ୭୮୦ ମହିଳା, ୨୧ ଜଣ ଶିଶୁ, ୨୩୧ ଜଣ ସାଧୁ ଏବଂ ୬୨ ସାଧ୍ୱିକା ସାମିଲ ଅଛନ୍ତି । ଏଥିରେ ୧୮୫୦ ତୀର୍ଥଯାତ୍ରୀ ବାଲ୍‌ଟାଲ୍ ଏବଂ ୨୧୭୯ ତୀର୍ଥଯାତ୍ରୀ ପହଲଗାମ୍ ଆଧାର ଶିବିର ପାଇଁ ବାହାରିଛନ୍ତି । ଏହା ସହିତ ଜମ୍ମୁଠାରେ ଥିବା କ୍ୟାମ୍ପରେ ଅମରନାଥ ଗୁମ୍ଫା ମନ୍ଦିର ପାଇଁ ବାହାରିଥିବା ତୀର୍ଥଯାତ୍ରୀମାନଙ୍କ ସଂଖ୍ୟା ୮୬୩୨ରେ ପହଞ୍ଚିଛି ବୋଲି ଜମ୍ମୁରେ ଥିବା ଆମ ଆକାଶବାଣୀ ସମ୍ବାଦଦାତା ଜଣାଇଛନ୍ତି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଆଜି ଭାରତ’ ଦକ୍ଷିଣ ଆଫ୍ରିକାକୁ ଭେଟିବ । ଭାରତୀୟ ସମୟ ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ’ ଇଂଲଣ୍ଡକୁ ୬୮ରନ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଅନ୍ୟ ପକ୍ଷରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନକୁ ୯ ୱିକେଟ୍‌ରେ ହରାଇ ପ୍ରଥମଥର ଲାଗି ଫାଇନାଲ୍‌ରେ ପ୍ରବେଶ କରିଛି । ଉଭୟ ଦଳ

ଏହି ପ୍ରତିଯୋଗିତାରେ ଅପରାଜେୟ ରହି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।